ପ୍ରମେୟ
THE PRAMEYA

05th Dec, 2020

# କରୋନା ସମୟରେ ଆଇଆଇଟି ଶିକ୍ଷାଦାନ ରୋଲ୍ ମଡେଲ୍

ଭୁବନେଶ୍ୱର/ପଁଜା,୪।୧୨(ବ୍ୟୁରୋ/ଆପ୍ର): କରୋନା ମହାମାରୀ ସମୟରେ ଭୁବନେଶ୍ୱର ଆଇଆଇଟିର ଶିକ୍ଷାଦାନ ଓ ପରୀକ୍ଷା ପରିଚାଳନା ସମଗ୍ର ଦେଶ ପାଇଁ ରୋଲ୍ ମଡେଲ୍। ସେହିପରି ଲକଡାଉନ୍ ଓ ସଟ୍ ଡାଉନ୍ ସମୟରେ ଭୁବନେଶ୍ୱର ଆଇଆଇଟି ପରିସରରେ ୩୫ ହଜାରରୁ ଅଧିକ ବୃକ୍ଷରୋପଣ ପ୍ରଶଂସନୀୟ ପଦକ୍ଷେପ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଡ. ରମେଶ ପୋଖରିଆଲ୍ ନିଶଙ୍କ କହିଛନ୍ତି।

ଆଇଆଇଟି ଭୁବନେଶ୍ୱରର ନବମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଡ. ନିଶଙ୍କ କହିଛନ୍ତି ଯେ, ଆଗକୁ ଅନେକ ଆହ୍ୱାନ ଅଛି। ଆମକୁ ଏସବୁର ସମ୍ମୁଖୀନ ହେବାକୁ ହେଲେ ପ୍ରାକ୍ ପ୍ରସ୍ତୁତ ହେବାକୁ ପଡିବ। ନିଜ ସ୍ୱପ୍ନକୁ ସାକାର କରିବାକୁ ହେଲେ କଠିନ ପରିଶ୍ରମ କରିବାକୁ ହେବ। ଅନଲାଇନରେ ଯୋଗ ଦେଇ ଡ. ନିଶଙ୍କ ଏହା କହିଛନ୍ତି।

କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିବା କାମକୁ ପ୍ରଶଂସା କରିଛନ୍ତି। ମହାମାରୀ ସମୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୂତନ ଜ୍ଞାନକୌଶଳର ଉଦ୍ଭାବନ ହୋଇଛି। ସେମାନଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କୁ ଆତ୍ମନିର୍ଭରଶୀଳ ଭାରତ ସ୍ୱପ୍ନ ଦେଖିବା ଦିଗରେ ସାହାଯ୍ୟ କରିବ ବୋଲି ସେ କହିଛନ୍ତି।




- ୩୫ ହଜାରରୁ ଅଧିକ ବୃକ୍ଷରୋପଣ ପ୍ରଶଂସନୀୟ
- ଭୁବନେଶ୍ୱର ଆଇଆଇଟି ସମାବର୍ତ୍ତନ ଉତ୍ସବରେ ଯୋଗ ଦେଲେ କେନ୍ଦ୍ରମନ୍ତ୍ରୀ
- ୪୪୬ ଜଣଙ୍କୁ ଡିଗ୍ରୀ, ୩ ଜଣଙ୍କୁ ସ୍ୱର୍ଣ୍ଣ, ୧୮ଙ୍କୁ ରୌପ୍ୟ

ଆଇଆଇଟି ଭୁବନେଶ୍ୱରର ପରିଚାଳନା କମିଟି(ବିଓଜି)ର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ସିଂ ଯୋଗଦେଇ କହିଛନ୍ତି ଯେ, ସଫଳତାର ସହ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ରାଷ୍ଟ୍ର ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଭୁବନେଶ୍ୱର ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ରତ୍ନମ ବରଦା ରାଜକୁମାର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ୩ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ, ୧୮ ଜଣଙ୍କୁ ରୌପ୍ୟ ପଦକ ଦିଆଯାଇଛି। ବିଟେକ୍ ଛାତ୍ର ଆଦିତ୍ୟ ପାଲ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ, ଏମ୍‌ଟେକ ଛାତ୍ର ସଙ୍କେତ ଦେ ଚୌଧୁରୀ ଓ ଏମଏସ୍‌ସି ଛାତ୍ର ସୌଲିକ ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶକ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିବା ବେଳେ ମୋଟ ୪୪୬ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ୩୫ ଜଣ ଛାତ୍ରଛାତ୍ରୀଙ୍କୁ ପିଏଚ୍‌ଡି, ୧୪୧ ଜଣଙ୍କୁ ଏମ୍‌ଟେକ, ୭୦ ଜଣଙ୍କୁ ଏମଏସ୍‌ସି, ୨୦୦ ଛାତ୍ରଛାତ୍ରୀଙ୍କୁ ବିଟେକ ଡିଗ୍ରୀ ଦିଆଯାଇଛି। କିଛି ଛାତ୍ରଛାତ୍ରୀ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଡିଗ୍ରୀ ସାର୍ଟିଫିକେଟ୍ ଗ୍ରହଣ କରିଥିବା ବେଳେ ଅନ୍ୟ କିଛି ଛାତ୍ରଛାତ୍ରୀଙ୍କୁ ଅନଲାଇନରେ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ପୋଖରିଆଲ୍‌ଙ୍କ ଦ୍ୱାରା ଷ୍ଟୁଡେଣ୍ଟସ୍ ଆକ୍ଟିଭିଟି ସେଣ୍ଟର, ସ୍ପୋର୍ଟସ୍ କୋର୍ଟସ୍, ସ୍କୁଲ ଅଫ୍ ହ୍ୟୁମାନିଟି, ସୋସିଆଲ ସାଇନ୍ସ, ମ୍ୟାନେଜମେଣ୍ଟ ବିଲଡିଂ ଉଦ୍‌ଘାଟିତ ହୋଇଛି।